# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 03rd April - 2025

**************************************

***Desk***

## ଲୋକସଭା – ୱାକଫ୍ ବିଲ୍

ଲୋକସଭାରେ ଗତକାଲି ୱାକଫ୍ (ସଂଶୋଧନ) ବିଲ୍-୨୦୨୫ ପାରିତ ହୋଇଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଲୋକସଭାରେ ଏହି ବିଲ୍ ଆଗତ କରିବା ପରେ ଦୀର୍ଘ ସମୟ ଧରି ଗୃହରେ ବିଲ୍ ସମ୍ପର୍କରେ ଆଲୋଚନା ହୋଇଥିଲା । ଆଲୋଚନାରେ ବିରୋଧୀ ଏବଂ ସରକାରୀ ଦଳର ସଦସ୍ୟମାନେ ଭାଗ ନେଇ ବିଲ୍‌ର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ବିଲ୍ ଉପରେ ଭୋଟ୍ ନିଆଯିବା ପରେ ଗୃହରେ ବିଲ୍ ପାରିତ ହୋଇଥିଲା ।

***Voice :........***

ରାଜ୍ୟସଭାରେ ଆଜି ୱାକଫ୍ ସଂଶୋଧନ ବିଲ୍ ଉପସ୍ଥାପନ କରାଯିବ । ମୁସଲ୍‌ମାନମାନଙ୍କ ଧର୍ମୀୟ କାର୍ଯ୍ୟଧାରା ସହିତ ଏହି ବିଲ୍‌ର କୌଣସି ସମ୍ପର୍କ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ୱାକଫ୍ ବୋର୍ଡ଼ର ସମ୍ପତ୍ତି ସହିତ ଏହି ବିଲ୍ ଜଡ଼ିତ ଏବଂ ୱାକଫ୍ ବୋର୍ଡ଼କୁ ସମାବେଶୀ ଓ ଧର୍ମ ନିରପେକ୍ଷ କରିବାପାଇଁ ସରକାର ଚାହାନ୍ତି ।

*Desk*

## ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍

ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଧେୟକ-୨୦୨୪ ବିଧାନସଭାରେ ଆଜି ପ୍ରାତଃ ୪ଟା ୩୫ ମିନିଟ୍‌ରେ ପାରିତ ହୋଇଛି । ଦୀର୍ଘ ୧୨ ଘଣ୍ଟାରୁ ଅଧିକ ସମୟ ଧରି ବିଲ୍ ଉପରେ ଚର୍ଚ୍ଚା ହୋଇଥିଲା । ବିଧେୟକରେ ୧୮ଟି ସଂଶୋଧନ ପ୍ରସ୍ତାବ ମଧ୍ୟରୁ ୧୨ଟିକୁ ବିରୋଧୀ ଦଳ ପକ୍ଷରୁ ବିଲ୍‌କୁ ବିରୋଧ କରାଯାଇଥିଲା । ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯଙ୍କର ଗୃହରେ ଶାସନ ଦଳର ସଂଖ୍ୟା ଆଧାରରେ ବିଲ୍‌ଟି ଗୃହୀତ ହୋଇଛି । ବିଲ୍ ପାରିତ ହେଲାବେଳେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ମନ୍ତ୍ରୀ ପରିଷଦର ଅନ୍ୟ ମନ୍ତ୍ରୀମାନେ ଉପସ୍ଥିତ ଥିଲେ ।

*Desk*

## ଚାଷୀ ଋଣ

ଚଳିତ ବର୍ଷ ଖରିଫ୍ ଋତୁରେ ଅଦିନିଆ ବର୍ଷାଜନିତ ଫସଲ କ୍ଷୟକ୍ଷତି ଯୋଗୁଁ ପ୍ରାୟ ୪୨ ହଜାର ଜଣ ଚାଷୀଙ୍କୁ ବୀମାରାଶି ପ୍ରଦାନ କରାଯାଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଗତ ଆର୍ଥିକ ବର୍ଷର ମାର୍ଚ୍ଚ ମାସ ୨୦ ତାରିଖ ସୁଦ୍ଧା ୩୪ ଲକ୍ଷ ୬୪ ହଜାର ୭୫୧ ଜଣ ଚାଷୀଙ୍କୁ ଖରିଫ୍ ଓ ରବି ଋତୁରେ ଚାଷପାଇଁ ପ୍ରାୟ ୧୮ ହଜାର ୫୯୦ କୋଟି ଟଙ୍କାର ଋଣ

ପ୍ରଦାନ କରାଯାଇଛି ବୋଲି ବିଧାନସଭାରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ।

***Desk***

## ସି.ଏ.ଜି. ରିପୋର୍ଟ

ବିଧାନସଭାର ଅପରାହ୍ଣ ଅଧିବେଶନରେ ଗତକାଲି ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ ସିଏଜି ରିପୋର୍ଟ ଉପସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ରିପୋର୍ଟ ଉପସ୍ଥାପନ କରିଥିଲେ। ଉପସ୍ଥାପନ ପରେ ବିଧାନସଭା ବାହାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ କହିଛନ୍ତି, ଲଘୁ ଖଣିଜ ପଦାର୍ଥ ଖନନରୁ ପ୍ରାପ୍ତ ରାଜସ୍ୱ ଅଣଟିକସ ରାଜ୍ୟ ରାଜସ୍ୱର ମୁଖ୍ୟ ଉତ୍ସ।

***Desk***

## ଓଡ଼ିଆ ପକ୍ଷ

ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ଓ ପ୍ରସାର କରିବାପାଇଁ ଚଳିତ ମାସ ପହିଲାରୁ ଆରମ୍ଭ ହୋଇଥିବା ‘ଓଡ଼ିଆ ପକ୍ଷ’ର ତୃତୀୟ ଦିନରେ ଆଜି ‘ଆମ ପୋଷାକ, ଆମ ପରିଚୟ’ ଦିବସ ପାଳନ ନିମନ୍ତେ ସରକାର ସ୍ଥିର କରିଛନ୍ତି । ରାଜ୍ୟର ହସ୍ତତନ୍ତ ପୋଷାକର ପ୍ରଦର୍ଶନ ସହିତ ସାଧାରଣ

ନାଗରିକ ଓ ସରକାରୀ ଅଫିସ୍ କର୍ମଚାରୀମାନଙ୍କୁ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଉତ୍ସାହିତ କରାଯାଉଛି । ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ପରିଚାଳିତ ବୟନିକ, ଉତ୍କଳିକା, ଅମ୍ଳାନ ଓ ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ଶାଖାରେ ହସ୍ତତନ୍ତ ବସ୍ତ୍ର କ୍ରୟ ଉପରେ ୨୦ରୁ ୩୦ ପ୍ରତିଶତ ରିହାତି ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ମିଳିବ ବୋଲି ଏକ ସରକାରୀ ନିର୍ଦ୍ଦେଶନାମାରେ କୁହାଯାଇଛି ।

***Desk***

# ମୁଖ୍ୟମନ୍ତ୍ରୀ - ପ୍ରକଳ୍ପ ଉଦ୍‌ଘାଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଖୋର୍ଦ୍ଧା ଜିଲ୍ଲାରେ ବିଭିନ୍ନ ଶିଳ୍ପ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରିବେ । ଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ଖୋର୍ଦ୍ଧାଠାରେ ସକାଳ ୧୦ଟାରେ ଅନୁଷ୍ଠିତ ହେବ ।

***Ganjam/R***

# ଧାନ ସଂଗ୍ରହ

ଗଞ୍ଜାମ ଜିଲ୍ଲାରେ ଚଳିତ ବର୍ଷ ଧାର୍ଯ୍ୟ ଲକ୍ଷ୍ୟଠାରୁ ସାମାନ୍ୟ କମ୍ ପରିମାଣର ଖରିଫ୍ ଧାନ ସଂଗ୍ରହ ହୋଇଛି । ଜିଲ୍ଲା ଯୋଗାଣ ବିଭାଗର ସୂଚନା ଅନୁସାରେ ପ୍ରାୟ ୫୮ ଲକ୍ଷ ୮୧ ହଜାର କୁଇଣ୍ଟାଲ୍ ଖରିଫ୍ ଧାନ ସଂଗ୍ରହ ହୋଇଛି । ଯାହାକି ଧାର୍ଯ୍ୟଲକ୍ଷ୍ୟର ୯୮ ପ୍ରତିଶତ । ସୂଚନା

ଅନୁସାରେ ଜିଲ୍ଲାର ୧ ଲକ୍ଷ ୩୯ ହଜାର ୮୮୬ ଜଣ ଚାଷୀଙ୍କୁ ଧାନ ବିକିବା ବାବଦରେ ୧ ହଜାର ୩୪୯ କୋଟି ୬୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସେମାନଙ୍କ ଖାତାକୁ ପଠାଯାଇଛି ।

***Bhadrak***

## ଢୋଲକ ସମ୍ମିଳନୀ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଉତୁକୁଡ଼ା ପଞ୍ଚାୟତରେ ମୋହନ କଳା ସଂସ୍କୃତି ଗବେଷଣା କେନ୍ଦ୍ର ପକ୍ଷରୁ ଲୋକବାଦ୍ୟ ଢୋଲକ ସମ୍ମିଳନୀର ଚତୁର୍ଥ ବାର୍ଷିକ ସମାରୋହ ହୋଇଯାଇଛି । ଜିଲ୍ଲାପାଳ ଦିଲୀପ ରାଉତରାୟ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିବା ସହିତ ଲୋକକଳାକୁ ଉଜ୍ଜୀବିତ ରଖିବାପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ସମ୍ମଳନୀରେ ୧୦୦ ରୁ ଅଧିକ କଳାକାର ଯୋଗ ଦେଇଥିଲେ ।

***Desk***

## କାଳବୈଶାଖୀ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି । ହେଲେ ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ କାଳବୈଶାଖୀର ପ୍ରଭାବ ଦେଖାଦେଇଥିଲେ ମଧ୍ୟ ଅନ୍ୟ କେତେକ

ସ୍ଥାନରେ ଗ୍ରୀଷ୍ମପ୍ରବାହ ଅବ୍ୟାହତ ରହିଛି । ବଲାଙ୍ଗିର ଓ ବୌଦ୍ଧରେ ତାପମାତ୍ରା ଗତକାଲି ୪୦ ଡିଗ୍ରୀରୁ ଉର୍ଦ୍ଧ୍ୱ ଥିବାର ଜଣାପଡ଼ିଛି ।

*****